


ମେଘ ମେଦୁର ଏକ ଭାରାକ୍ରାନ୍ତ ଆକାଶରେ ଅନେକ ମେଘର ଆସର । ବର୍ଷାର ବାରିଧାରା ଅବିଶ୍ରାନ୍ତ ଭାବରେ ବର୍ଷଣ ଉନ୍ମୁଖ ମେଘରୁ ଝରି ଚାଲିଛି । କାଚ ଝରକାରେ ଜଳର ଧାର ସୂକ୍ଷ୍ମରୁ ସ୍ଥୁଳ ହୋଇ ତୀବ୍ର ଗତିରେ ବହି ଚାଲିବା ପରି ସମତାଳରେ ଅଳକାନନ୍ଦାଙ୍କର ମନର ସମସ୍ତ କୋହର ଉଦ୍‌ବେଳନ ବର୍ଷଣ ମୁଖର ମେଘର ଧାରା ରୋକି ନ ପାରିଲା ପରି ତାଙ୍କ ଆଖିରୁ ଅନେକ ଶ୍ରାବଣୀର ରୂପନେଇ ଝରି ଚାଲିଛି । ବର୍ଷଣ ମୁଖର ରାତ୍ରିରେ ବର୍ଷାର ଗର୍ଜନ ସହିତ ତାଙ୍କ ମନ ଗହନର ଉଚ୍ଛ୍ୱାସ ଯେପରି ସମତାଳରେ ଗତିକରି ଚାଲିଛନ୍ତି । ସେ ଭାବି ଚାଲିଛନ୍ତି ଯେ ଗୋଟାଏ ପାଠୋଇ ଝିଅର ''ଭଲପାଇବାଟା''ଏକ କଦାକାର ରୂପ ନେଇ ଆଜି ତାଙ୍କ ମନ ଅଗଣରେ ଏକ କୁହେଳିକା ପୂର୍ଣ୍ଣ ବିଭୀଷିକାମୟ ଝଡ଼ର ତାଣ୍ଡବ ସୃଷ୍ଟି କରି ପାରେ । ଅଳକାନନ୍ଦା ଯେ ଏକ ବେଗବତୀ ନଦୀ ଯାହାର ଗତି ଅପ୍ରତିହତ । ତାର ନିମ୍ନମୁଖୀ ଧାବମାନ ପଥକୁ କେବେ ପଥଭ୍ରାନ୍ତ କରିବାର ପ୍ରଚେଷ୍ଟା ହିଁ ପ୍ରଚେଷ୍ଟାରେ ରହିଯିବ । ଏପରି ଏକ ଅଧ୍ୟୟନରତା ଛାତ୍ରୀର ଜୀବନରେ ଶୁଭ୍ରାଂଶୁ ପହଞ୍ଚିଲେ କେଉଁ ଏକ ଅପହଞ୍ଚ ଇଲାକାରୁ । ଅଳକାନନ୍ଦା ଦିନେ ଭାବିଥିଲେ ଯେ ଶୁଭ୍ରାଂଶୁଙ୍କ ସାନ୍ନିଧ ହୁଏତ ତାଙ୍କ ବ୍ୟସ୍ତ ଜୀବନରେ ଆଗାମୀ ଅନେକ ମୁହୂର୍ତ୍ତମାନଙ୍କୁ ରଙ୍ଗୀନ କରି ତୋଳିବ । ବେଗବାନ ଅଶ୍ୱ, ପ୍ଳବମାନ

ନଦୀ ଓ ରୋରୁଦ୍ୟମାନା ନାରୀ ଏମାନଙ୍କର ଗତି ଅପ୍ରତିହତ ଏବଂ ଅସ୍ଥିରତାର ଚରମ ସୀମାରେ ପହଞ୍ଚିବାକୁ ସେମାନଙ୍କୁ ଡେରି ହୁଏ ନାହିଁ । ଆଜି ଅଳକାନନ୍ଦା, ଜଣେ ନାରୀ ଭାବରେ ତାଙ୍କର ବିଗତ ଜୀବନର ବିତିଥିବା ଭାବନାମାନଙ୍କର ଅନୁଶୀଳନ କରିବାକୁ ଯାଇ ଏ ବର୍ଷଣମୁଖର ରାତ୍ରିର ବାରିଧାରା ସଙ୍ଗେ ତାଳ ମେଳାଇ ଆଖିରୁ ଅବାରିତ ବାରିଧାରାର ପ୍ଲବମାନ ସ୍ରୋତରେ ଅସ୍ଥିରତା ଅନୁଭବ କରିବା ସହିତ ଭାସିଯିବାକୁ ଇଚ୍ଛା ପ୍ରକଟ କରୁଛନ୍ତି ରାତ୍ରିର ନିସ୍ତବ୍ଧତାକୁ ତିଳେ ତିଳେ ଅନୁମୋଦନ ଜଣାଇ ।

ଅଧ୍ୟୟନରତା ଅଳକାନନ୍ଦାଙ୍କର ଚଳଚଞ୍ଚଳ ମନ ଦିନେ ଶୁଭ୍ରାଂଶୁଙ୍କୁ ନେଇ ରସୋଦୀପ୍ତ ହୋଇ ଉଠିଥିଲା । ସେ ଶୁଭ୍ରାଂଶୁଙ୍କ ଠାରେ ପରିପ୍ରକାଶ କରିଥିବା ପ୍ରେମର ଆଜି ଯେପରି କୌଣସି ବାସ୍ତବ ମୂଲ୍ୟ ନାହିଁ । ଅନେକ କ୍ଲାସ୍ ପରିତ୍ୟାଗ କରି ଶୁଭ୍ରାଂଶୁଙ୍କ ସାନ୍ନିଧ ପାଇଁ କୌଣସି ରେଷ୍ଟୁରାଣ୍ଟ ଅଥବା ଲନ୍‌ରେ ବସି ଅନେକ ଅନେକ ସମୟ ବିତିତ କରିବାର ଅନୁଭବ ଆଜି ତାଙ୍କ ପାଖରେ ସ୍ଥାଣୁବତ୍ ରହିଯାଇଛି ନିରର୍ଥକ ହୋଇ । ସେ ଯେ ଜୀବନ ଚଲାପଥରେ ହାରିଯିବାର ପ୍ରବଳ ଇଚ୍ଛାର ପରିପ୍ରକାଶ କରି ସାରିଲେଣି । ଅଧ୍ୟାପକ ଶୁଭ୍ରାଂଶୁ ତାଙ୍କର ଏକାକୀ ନିଜର ଏବଂ ଏକାନ୍ତ ଭାବରେ ଭଲ ପାଉଥିବା ଶୁଭ୍ରାଂଶୁ କେବେ ଅନ୍ୟ କାହାର ହୋଇ ନ ପାରନ୍ତି ।

ସେଦିନ ଜୋଗ୍ରାଫି ଡିପାର୍ଟମେଣ୍ଟର ଏକ ଉତ୍ସବମୁଖର ମୁହୂର୍ତ୍ତରେ ହଠାତ୍ ଅଳକାନନ୍ଦାଙ୍କର ଦେଖାହୁଏ ଶୁଭ୍ରାଂଶୁଙ୍କ ସହିତ । ସୌମ୍ୟ ଶୁଭ୍ରାଂଶୁଙ୍କ ପ୍ରଥମ ଦେଖାରେ ହତପ୍ରଭ ହୋଇ ଉଠନ୍ତି ଅଳକାନନ୍ଦା । ସେ ଉତ୍ସବର ସରସତାକୁ ନ ଦେଖିବା ବା ଅନୁଭବ ନକରି ରାତ୍ରିର ଅନ୍ଧକାରକୁ ଅନେକାଂଶରେ ଦେଖି ଦେଖି ପ୍ରଚ୍ଛନ୍ନ ଭାବରେ ଭଲପାଇ ବସିଲେ ଶୁଭ୍ରାଂଶୁଙ୍କୁ । ପ୍ରେମର ଅଳକାନନ୍ଦାରେ ଅଳକାଙ୍କର ଅବଗାହିବାର ଅନେକ ପ୍ରଚେଷ୍ଟା । ଯେପରି ପ୍ରଥମ ପ୍ରେମର ପରିପ୍ରକାଶ ପ୍ରଥମ ପ୍ରେମର ଅନେକ ପ୍ରତିଶ୍ରୁତି ନେଇ ।

ତା'ପରେ ୩/୪ ଦିନ ପାଠପଢ଼ାରେ ବ୍ୟସ୍ତ ରହିବାର ମାନସିକତାକୁ ନେଇ ହଷ୍ଟେଲର ବାହାରକୁ ବାହାରି ପାରନ୍ତି ନାହିଁ ଅଳକାନନ୍ଦା, ହୁଏତ ଅନେକାଂଶରେ ନିଜକୁ ନିଜେ ଦେଖି ପ୍ରେମ କରି ବସିଥିବା ଗୋଟିଏ ଝିଅର ମନୋଜ୍ଞ ଭାବନାରେ ଲାଜେଇ ଯାଇ । ବାନ୍ଧବୀ ଇରା ଆସି ଖବର ଦେଲା ଗେଟ୍ ବାହାରେ ପ୍ରଥମ ପ୍ରେମର ପ୍ରଥମ ସ୍ମୃତି ପ୍ରତୀକ୍ଷାରତ । ଅଳକାନନ୍ଦା ବାହାର ଲୋକମାନଙ୍କ ସହିତ ମିଳନର ବିପରୀତମୁଖୀ ହୋଇଥିଲେ ମଧ୍ୟ ତାଙ୍କର ମନ ନଦୀ ହଠାତ୍ ଉଦ୍‌ବେଳିତ ହେବା ପରି ଅନୁଭବ କଲେ ଏବଂ ନିଜକୁ ଶୁଭ୍ରାଂଶୁଙ୍କ ନିକଟରେ ଆବିର୍ଭାବ କରି ବସିଲେ ।

ସେଦିନ ସଂଧ୍ୟାରେ କେଉଁ ଏକ ଭାବାବିଷ୍ଟ ମୁହୂର୍ତ୍ତରେ ଜହ୍ନଟା ଆକାଶକୁ ଉଠିବାର ଚେଷ୍ଟା କରି ବି ଉଠି ପାରି ନାହିଁ । ନା ଆକାଶର ଘନ ନୀଳିମା ଜହ୍ନକୁ ଯିବାକୁ ବାଟ ଛାଡ଼ି ପାରୁଛି, ନା ତା' ଦେହରେ ଧରି ରଖିବାର ଚେଷ୍ଟା ବି କରି ପାରୁଛି । ଗୋଟିଏ ବୃନ୍ତରେ ସଦ୍ୟ ପ୍ରସ୍ଫୁଟିତ ଦୁଇଟି ଗୋଲାପ ଯେପରି ପରସ୍ପରଠାରୁ ଦୂରେଇ ଯିବା ସମ୍ଭବପର ନୁହେଁ, ବରଂ ଏକ ଅନ୍ୟର ସାନ୍ନିଧରେ ଆନନ୍ଦରେ ମଗ୍ନ ଥା'ନ୍ତି । ଗୋଲାପ ବାଟିକାର ସମସ୍ତ ଗୋଲାପ ହିଁ ଈଶ୍ୱରଙ୍କର ପ୍ରେମମୟ ସୃଷ୍ଟିର ଏକ ଏକ ଅନବଦ୍ୟ ସୃଜନୀ, ଯାହାର ପ୍ରତ୍ୟେକ ସ୍ତବକ ପ୍ରଣୟୀ ଓ ପ୍ରଣୟିନୀର ଜୀବନ ଦେବା ନେବାର ପ୍ରତିଶ୍ରୁତିରେ ବନ୍ଧା । ପ୍ରେମ କେତେବେଳେ କୃଷ୍ଣଚୂଡ଼ାର ରଙ୍ଗରେ ରଙ୍ଗୀୟିତ ହୁଏତ, କେତେବେଳେ ରଙ୍ଗଣୀ ଫୁଲର ବାସ୍ନାରେ ବିମୋହିତ ପ୍ରେମୀ ଯୁଗଳକୁ ଧରାଶାୟୀ କରି ରଖେ ତା'ର ସମ୍ମୋହନ ମନ୍ତ୍ରରେ । ଅଳକାନ୍ଦାଙ୍କର ହାତରେ ହାତ ଦେଇ ଶୁଭ୍ରାଂଶୁ ଅଳକାନନ୍ଦାର ତୁଙ୍ଗ ଲହରୀକୁ ନିଜ ପ୍ରଶାନ୍ତ ବକ୍ଷରେ ଧରି ରଖିବାର ଅନେକ ଅନେକ ତାଜମହଲର ପରିକଳ୍ପନା କରି ବସିଲେ ।

କେବେ କେବେ ନିଶୀଥରେ ଗଙ୍ଗଶିଉଳି, ପାଖର ଏକ ନିଭୃତ ବେଞ୍ଚରେ ଦୁଇଟି ପ୍ରଣୟୀ ଓ ପ୍ରଣୟିନୀଙ୍କର ପ୍ରେମ ବେଭାର ଦେଖି ମୁହଁ ଲୁଚାଇ ନିଏ ତ କେତେବେଳେ ଜହ୍ନର ଶୀତଳ ଜ୍ୟୋସ୍ନାରେ ଉନ୍ମୁକ୍ତ ପ୍ରାନ୍ତରର ସବୁଜ ଘାସ ଗାଲିଚା ଉପରେ ଦେଖେ ପ୍ରେମୀ ଯୁଗଳର ସ୍ୱଗତୋକ୍ତି । ଏ'ଟା ଯେ ନିତିଦିନିଆ କଥା । ବର୍ଷାର ବାରିଧାରାରେ ନଦୀବକ୍ଷ ସ୍ଫୁରିତ ହେବାପରି ଦୁହେଁ ଦୁହିଁଙ୍କୁ ପାଇ ଯେପରି ସେମାନଙ୍କର ମନ ନଦୀ କୂଳ ଟପିଯାଇଛି କିନାରାର ବନ୍ଧନ ନମାନି ।

ଖରା ଛୁଟିର କୌଣସି ଏକ ସୌଗନ୍ଧ୍ୟ ମୁହୂର୍ତ୍ତରେ ଶୁଭ୍ରାଂଶୁ ବିବାହ ପରେ ଆସି କଲେଜରେ ଅଧ୍ୟାପନାରେ ଯୋଗ ଦିଅନ୍ତି । ଅନେକ ଦିନ ଧରି ଶୁଭ୍ରାଂଶୁଙ୍କ ଅନୁପସ୍ଥିତି ଅଳକାନନ୍ଦାଙ୍କ ମନରେ ଯେ ଆଶଂକାର ସୂତ୍ରପାତ କରି ନଥିଲା ସେପରି ନୁହେଁ ବରଂ ପରେ ସେ ଅବଗତ ହେଲେ ଯେ ଶୁଭ୍ରାଂଶୁ ତାଙ୍କୁ ପ୍ରତାରଣା କରି ବିବାହ ପରେ ନବବଧୂର ବଧୂଲି ଅଧରର ରଂଗ ଦେଖି ତାଙ୍କ ସମସ୍ତ ପ୍ରେମକୁ ବର୍ଜ୍ୟବସ୍ତୁ ତ୍ୟାଗ କଲାପରି ପରିତ୍ୟାଗ କରି ପାରିଛନ୍ତି । ତା'ପରେ ଅଳକାନନ୍ଦାଙ୍କର ଉଦ୍‌ବେଳିତ ମନ ହଷ୍ଟେଲ ଛାଡ଼ି ତାଙ୍କୁ ତାଙ୍କ ଗାଁକୁ ଯିବାକୁ ବାଧ୍ୟ କରେ ଏବଂ ଅଳକାନନ୍ଦା ବିଗତ ଦିନମାନଙ୍କର ଅନୁଧ୍ୟାନ ନ କରି ଘର କାମରେ ବ୍ୟସ୍ତ ରହିବାର ମାନସିକତା ଦେଖାଇବାରେ ଉଦ୍‌ବିଗ୍ନ ଥାନ୍ତି ।

ହେଲେ ଆଜି ସେ ଆଷାଢ଼ର ପ୍ରଥମ ଦିବସରେ ଶାପଗ୍ରସ୍ତ ଯକ୍ଷ ବିଳାପ କଲାପରି, ଅଳାକାନନ୍ଦଙ୍କର ମନ ହଠାତ୍ ବର୍ଷାର ସଂଦର୍ଶନରେ ବାଟହରା ହୋଇ ଉଠିଛି । ଯାହାର ପ୍ରଶମନ କେବେ ବି ସମ୍ଭବପର ହୋଇ ନ ପାରେ । ପ୍ରେମର ପରିସମାପ୍ତି କେବଳ ପ୍ରେମରେ ହିଁ ଘଟେ । ବିବାହରେ ବୋଧହୁଏ ନୁହେଁ ।

ମା'ଙ୍କ ଡାକରେ ହଠାତ୍ ପ୍ରକୃତିସ୍ଥ ହୋଇ ଉଠିଲେ ଅଳକାନନ୍ଦା । ତାଙ୍କର ଭାବନାର ରଂଗମଞ୍ଚରେ କଳାପରଦାଟା ହଠାତ୍ ଟାଣି ହୋଇଗଲା ଏବଂ ସେ ଦୀର୍ଘ ଶ୍ୱାସ ପକାଇ ମା'ଙ୍କ ପଛେ ପଛେ ଚାଲିଲେ । ସେ ଅନୁଭବ କରି ପାରୁଥିଲେ ଯେ ମଣିଷର ଭାରାକ୍ରାନ୍ତ ମନର ଉଚ୍ଛ୍ୱାସ ମୃଗତୃଷ୍ଣା ପଛରେ ଧାବମାନ ହେଲେ ବି ସାମାନ୍ୟ ଲାଘବ ହୁଏ ।

